


**ଭୁବନେଶ୍ୱର, ୨୦୨୫, ଜୁଲାଇ ୧୮**

# ଇଷ୍ଟପ୍ରାଣ ମଣିଷ


ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର

ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ-ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ । ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ । ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେ ଦିଗକୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯେ, ଯା'ର ଚଳନା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ-ସମ୍ପଦ ତ ବଢ଼ିଯିବା ହିଁ ସ୍ୱାଭାବିକ । ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇ ହୁଏନା । କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷୀପ୍ରତା, ଚରିତ୍ର, ନିରଳସ-ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା ସେଥିରେ । ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି । ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ । ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେଲେ ଭବିଷ୍ୟତ ବଂଶଧରଗଣ । ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ । ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ । ଆଜି ଆମ ମାନଙ୍କର ଋତ୍ୱିକମାନଙ୍କୁ ଯେଉଁ ମାନଙ୍କୁ ହୁଏତ ଦେଖୁଛ - କେତେ ଅର୍ଥନୈତିକ କୃଚ୍ଛତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି - ଯେ ଏମାନେ କିଛି ହିଁ ପାଇଲେନି, କିଛିହିଁ ପାଇଲେନି, କିଛିହିଁ କରିଲେନି ? ବ୍ୟକ୍ତିଗତ ଭାବେ ଦୁଇଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ଖଟାଇଲେ ବି, ଏମାନଙ୍କ ମଧ୍ୟରୁ ବେଶୀ ଭାଗ ସମ୍ବନ୍ଧରେ ସେ କଥା ଖାଟେନା । ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଂଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତିକି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ । ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଂଚିବାକୁ ଡେରି ଲାଗିବନି - ଏମାନେ ତା' ଚାହାନ୍ତୁ ବା ଚାହାନ୍ତୁ । ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ । ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା । ପୁଣି ଚୋରା କାରବାର କରି ବା ଫାଙ୍କିବାଜିର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା । ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା । (ଆଲୋଚନା - ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧)

ଗୁରୁଙ୍କଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର । ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ । ଗୀତାରେ କୁହାଯାଇଛି - 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ ସଂଯତେନ୍ଦ୍ରିୟଃ । ଜ୍ଞାନଂ ଲବ୍ଧା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।' ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ । ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ ।

*ପ୍ରତିଋତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ନେଲସନ୍ ମଣ୍ଡେଲା


ଡ଼ଃ. ଅରୁନ୍ଧତୀ ଦେବୀ

ନେଲସନ୍ ମେଣ୍ଡେଲା ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ବା କୃଷ୍ଣକାୟ ରାଷ୍ଟ୍ରପତି ଥିଲେ । ରାଷ୍ଟ୍ରପତି ହେବା ପୂର୍ବରୁ ସେ ଦକ୍ଷିଣ ଆଫ୍ରିକାରେ ଚାଲି ଆସିଥିବା ବର୍ଣ୍ଣବୈଷମ୍ୟବାଦ ବିରୋଧରେ ଦୀର୍ଘ ଦିନ ଧରି ସଂଗ୍ରାମ କରିଥିଲେ । ମଣ୍ଡେଲା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ଥିଲେ । ଆଫ୍ରିକା ନ୍ୟାସନାଲ କଂଗ୍ରେସ ଓ ଏହାର ସଶସ୍ତ୍ର ବାହିନୀ ଉମଖେଟୋ ବେ ସିଜୱେର ଅଧକ୍ଷ ଥିଲେ । ବର୍ଣ୍ଣବୈଷମ୍ୟବାଦ ବିରୋଧରେ ସଂଗ୍ରାମ ଯୋଗୁଁ ତାଙ୍କୁ ୨୭ ବର୍ଷ ରୋବେନ୍ ଦ୍ୱୀପ କରାଗାରରେ କଟାଇବାକୁ ପଡ଼ିଥିଲା । ସେଠାରେ ତାଙ୍କୁ କୋଇଲା ଖଣିରେ ବି କାମ କରିବାକୁ ପଡ଼ିଥିଲା । ୧୯୯୦ରେ ଶ୍ୱେତାଙ୍ଗ ସରକାର ସହିତ ବୁଝାମଣା ପରେ ସେ ଆଧୁନିକ ଦକ୍ଷିଣ ଆଫ୍ରିକା ନିର୍ମାଣ କରିଥିଲେ । ଜାତିସଂଘ ତାଙ୍କ ଜନ୍ମ ଦିବସକୁ ନେଲସନ ମଣ୍ଡେଲା ଆନ୍ତର୍ଜାତିକ ଦିବସ ଭାବେ ପାଳିବାକୁ ନିଷ୍ପତି ନେଇଛି । ମଣ୍ଡେଲା ୧୮ ଜୁଲାଇ ୧୯୧୮ରେ ଦକ୍ଷିଣ ଆଫ୍ରିକାର ଇଷ୍ଟର୍ଣ୍ଣ କେପ୍ ଅନ୍ତର୍ଗତ ମୁଏଜୋରେ ଜନ୍ମ ଗ୍ରହଣ କରିଥିଲେ । ମଣ୍ଡେଲା ତାଙ୍କ ଜାତିର ନାମାନୁଯାୟୀ ମାଡ଼ିବା ନାମରେ ପରିଚିତ ଥିଲେ । ନୋବେଲ ଶାନ୍ତି ପୁରସ୍କାର, ଲେନିନ୍ ଶାନ୍ତି ପୁରସ୍କାରକୁ ମିଶାଇ ସେ ୨୫୦ରୁ ଅଧିକ ପୁରସ୍କାର ଓ ସମ୍ମାନ ପାଇଥିଲେ । ୫ ଡିସେମ୍ବର ୨୦୧୩ରେ ୯୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ତେଣୁ ତାଙ୍କ ଜନ୍ମ ଦିବସଟିକୁ ସମସ୍ତେ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଜାତିସଂଘ ଦ୍ୱାରା ଗଠନ ହୋଇଥିବା ମଣ୍ଡେଲା ଫାଉଣ୍ଡେସନର କର୍ମକର୍ତାମାନେ ସମଗ୍ର ବିଶ୍ୱବାସୀଙ୍କୁ ନିବେଦନ କରିଛନ୍ତି ଯେ ଆଜି ନିଜ ସମୟର ୬୭ ମିନିଟ୍ ଅନ୍ୟକୁ ସାହାଯ୍ୟ କରିବାରେ ଉତ୍ସର୍ଗ କରନ୍ତୁ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ*
*ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ*

# ଇସି ଶକ୍ତିଶାଳୀ ହେଉ, ପକ୍ଷପାତୀ ନୁହେଁ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ କେହି ଅସହମତ ହେବେ ନାହିଁ ଯେ, 'ଏକ ରାଷ୍ଟ୍ର-ଏକ ନିର୍ବାଚନ' ଏବେ ବି ଏକ ବିବାଦୀୟ ପ୍ରସ୍ତାବ ହୋଇ ରହିଛି । ଏଭଳି ଏକ ଉଦ୍ୟମର ଉପକାରୀତା ଏବଂ ଅପକାରୀତା ରେକର୍ଡଭୁକ୍ତ ହୋଇଛି । ଏହାର ପ୍ରସ୍ତାବକମାନେ ଦର୍ଶାଇଛନ୍ତି ଯେ, ଏକ ଦେଶ-ଏକ ନିର୍ବାଚନ ଦ୍ୱାରା ଦେଶରେ ନିର୍ବାଚନ ବ୍ୟୟ ହ୍ରାସ ପାଇବ । କିନ୍ତୁ ଅପର ପକ୍ଷରେ ପ୍ରସ୍ତାବର ବିରୋଧିମାନେ ଯୁକ୍ତି କରିଛନ୍ତି ଯେ, ଏହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଧକ୍କା ପହଁଚାଇବ । କେବଳ ଏତିକି ନୁହେଁ, ଏକାଧିକ ଦୃଷ୍ଟିକୋଣରୁ ବିରୋଧିମାନେ ଏହି ଉଦ୍ୟମକୁ ଦୃଢ ବିରୋଧି କରିଛନ୍ତି । ଏକ ଦେଶ-ଏକ ନିର୍ବାଚନ ବିଲ୍ ଉପରେ ଯୁଗ୍ମ ସଂସଦୀୟ କମିଟି ଏବଂ ସୁପ୍ରିମକୋର୍ଟ ଚାରିଜଣ ପୂର୍ବତନ ପ୍ରଧାନ ବିଚାରପତି ଅନୁଧ୍ୟାନ ପୂର୍ବକ ଯେଉଁ ମତାମତ ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସୁପ୍ରିମକୋର୍ଟର ଦୁଇଜଣ ପୂର୍ବତନ ପ୍ରଧାନ ବିଚାରପତି ଜେ.ଏସ.ଖେହର ଏବଂ ଡି.ୱାଇ.ଚନ୍ଦ୍ରଚୂଡ଼ ଦର୍ଶାଇଛନ୍ତି ଯେ, ଏଭଳି ଏକ ପ୍ରସ୍ତାବକୁ ଦେଶର ସମ୍ବିଧାନ ଅନୁମତି ପ୍ରଦାନ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନଥିବା ସତ୍ତ୍ୱେ ଏହା କେତେକ କ୍ଷେତ୍ରରେ ବିପଦାତ୍ମକ ପରିବେଶ ସୃଷ୍ଟିର କାରଣ ହୋଇପାରେ । ଉଦାହରଣ ସ୍ୱରୁପ ସମ୍ବିଧାନର ଧାରା ୮୨ଏ(୫) ନିର୍ବାଚନ ପାଇଁ ଉପଯୁକ୍ତ ପରିବେଶ ନଥିବା ଦର୍ଶାଇ ଯେକୌଣସି ରାଜ୍ୟର ନିର୍ବାଚନକୁ ସ୍ଥଗିତ ରଖିବା ଲାଗି ନିର୍ବାଚନ କମିଶନଙ୍କୁ କ୍ଷମତା ପ୍ରଦାନ କରିଛି । ଏହି କ୍ଷମତାବଳରେ ନିର୍ବାଚନ କମିଶନ କାର୍ଯ୍ୟକାଳ ପୁରିବାକୁ ଯାଉଥିବା ଯେକୌଣସି ରାଜ୍ୟର ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖିପାରିବେ, ଯାହାକି ଏକ ସମୟରେ ଦେଶରେ ଏକକ ନିର୍ବାଚନର ପଥ ସୁଗମ କରିପାରିବ । ଏହା ନିସନ୍ଦେହ ଯେ, ଏକ ଦେଶ-ଏକ ନିର୍ବାଚନ ଆଇନଗତ ଚ୍ୟାଲେଞ୍ଜ କ୍ଷେତ୍ରରେ ପୂର୍ବତନ ପ୍ରଧାନ ବିଚାରପତିମାନଙ୍କ ମତାମତ ଦୁର୍ବଳ ହୋଇପାରେ । ଏହା ନିସନ୍ଦେହ ଯେ, ନିର୍ବାଚନ କମିଶନଙ୍କୁ ଅଖଣ୍ଡ କ୍ଷମତା ନେଇ ଦେଶର ବିଜ୍ଞ ପୂର୍ବତନ ପ୍ରଧାନ ବିଚାରପତିମାନେ ଉଠାଇଥିବା ପ୍ରସଙ୍ଗ ପ୍ରତି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗୁରୁତର ସହକାରେ ଅନୁଧ୍ୟାପ କରିବା ଉଚିତ୍ । କାରଣ ଏକ ନିର୍ବିବାଦୀୟ ନିର୍ବାଚନ କମିଶନଙ୍କ ଉପରେ ଦେଶରେ ସୁସ୍ଥ ନିର୍ବାଚନ ପରିଚାଳନା ନିର୍ଭର କରେ । ଏହା ସତ୍ୟ ଯେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ. ଶେଷାନ ଦେଶରେ ନିର୍ବାଚନ କମିଶନଙ୍କୁ ଶକ୍ତିଶାଳୀ କରିବା ସହ ଭାରତୀୟ ଗଣତନ୍ତ୍ରରେ ଆଇନଗତ ଏବଂ ସମ୍ବିଧାନର ପରିସରରେ ଏକ ଆଦର୍ଶ ଢାଂଚା ପ୍ରତିଷ୍ଠା କରିବାରେ ପଥ ପ୍ରଦର୍ଶକ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏକ ନିର୍ଭିକ ଏବଂ ନିରପେକ୍ଷ ନିର୍ବାଚନ କମିଶନ ଗଠନ କେନ୍ଦ୍ରରେ କ୍ଷମତାସୀନ ସରକାରଙ୍କ ଉପରେ ନିର୍ଭର କରେ । ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଦେଶରେ ସମ୍ବିଧାନରେ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ନଥିବା ବେଳେ କିଛି ବର୍ଷ ତଳେ କେନ୍ଦ୍ରରେ କ୍ଷମତାସୀନ ମୋଦୀ ସରକାର ପ୍ରଧାନମନ୍ତ୍ରୀ, ବିରୋଧି ଦଳ ନେତା ଏବଂ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଏକ ତିନିଜଣିଆ କମିଟି ଦ୍ୱାରା ନିର୍ବାଚନ କମିଶନର ସଦସ୍ୟମାନଙ୍କୁ ମନୋନୀତ କରିବା ପାଇଁ ଆଇନ ପ୍ରଣୟନ କରିଛନ୍ତି । ଏହାଦ୍ୱାରା କମିଶନ ନିରପେକ୍ଷ ହୋଇ ନପାରିବା ନେଇ ବିତର୍କ ଲାଗି ରହିଛି । ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରଧାନମନ୍ତ୍ରୀ ବିରୋଧିଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ କମିଟି ନିର୍ବାଚନ କମିଶନର ସଦସ୍ୟମାନଙ୍କୁ ମନୋନୀତ କରିଥିଲେ । ଏବେ ୨.୧ ମତରେ ନିର୍ବାଚନ କମିଶନର ସଦସ୍ୟଙ୍କୁ ନିଯୁକ୍ତି କରାଯାଉଛି, ଯାହାକି ନିରପେକ୍ଷ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ଆହୁରି ମଧ୍ୟ ନିର୍ବାଚନ କମିଶନଙ୍କୁ ନିରଙ୍କୁଶ କ୍ଷମତା ପକ୍ଷପାତୀ ନହେବା ଉଚିତ । ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରିଚାଳନାକୁ ନେଇ ନିରପେକ୍ଷତା ଉପରେ କଂଗ୍ରେସ ସମେତ ବହୁ ବିରୋଧି ଦଳ ଅଙ୍ଗୁଳି ନିର୍ଦ୍ଦେଶ କରିଥିବାବେଳେ ଏବେ ବିହାରରେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଆରମ୍ଭ କରିଥିବା ସ୍ପେଶିଆଲ ଇଟେଂନସିଭ ରିଭ୍ୟୁ(ଏସଆଇଆର)ର ସମୟ ଅବଧି ଏବଂ କଡ଼ା ନିର୍ଦ୍ଦେଶନାମା ଉପରେ କେବଳ ବିରୋଧି ଦଳ ନୁହଁନ୍ତି, ସର୍ବୋଚ୍ଚ ଅଦାଲତ ମଧ୍ୟ ପ୍ରଶ୍ନ କରିଛନ୍ତି । ବହୁ ଚର୍ଚ୍ଚିତ 'ଆଧାର'କୁ ସୁପ୍ରିମକୋର୍ଟ ଅତୀତରେ ଦୁଇ ଦୁଇ ଥର ଅସାମ୍ବିଧାନିକ ଘୋଷଣା କରିଥିବା ସତ୍ତ୍ୱେ ସ୍ୱତନ୍ତ୍ର ଆଇନ ବଳରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଆଧାରକୁ ବାଧ୍ୟତାମୂଳକ କରିଛନ୍ତି । ଏପରିକି ମତଦାନ ସମୟରେ ୧୨ଟି ପରିଚୟ ଯାଂଚ ଦଲିଲ ମଧ୍ୟରେ ଆଧାର ରହିଆସିଛି । ଏବେ ବିହାରରେ ଭୋଟର ତାଲିକା ଯାଂଚ ଦସ୍ତାବିଜ୍‌ରୁ ଆଧାର, ନିର୍ବାଚନ କମିଶନ ନିଜେ ଦେଇଥିବା ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡକୁ ବାଦ୍ ଦେବା ବିସ୍ମୟ ସୃଷ୍ଟି କରିଛି । ଏହି ତିନୋଟି ଦସ୍ତାବିଜକୁ ପରିଚୟ ପତ୍ର ଭାବେ ଅନ୍ତର୍ଭୁକ୍ତ କରିବାକୁ କମିଶନଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ଆସନ୍ତା ୨୮ରେ ଏନେଇ ମାମଲାର ଶୁଣାଣୀ ହେବ । ଏହି ଘଟଣାବଳୀ ନିର୍ବାଚନ କମିଶନଙ୍କୁ କଳଙ୍କିତ କରିଛି, ଏଥିରେ କୌଣସି ସନ୍ଦେହ ନାହିଁ । କମିଶନଙ୍କ ଏଭଳି ପଦକ୍ଷେପ ଦ୍ୱାରା ବହୁ ଯୋଗ୍ୟ ଭୋଟଦାତା ମତଦାନରୁ ବଂଚିତ ହେବା ଆଶଙ୍କା ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ସୁପ୍ରିମକୋର୍ଟ ଏସଆଇଆର ଉପରେ ରହିତାଦେଶ ଜାରି କରିନାହାଁନ୍ତି । କିନ୍ତୁ କମିଶନ ନିରପେକ୍ଷ ଓ ଶକ୍ତିଶାଳୀ ହେବା ଜରୁରୀ । ସ୍ୱେଚ୍ଛାଚାରୀ ଓ ପକ୍ଷପାତୀ କାର୍ଯ୍ୟ କମିଶନଙ୍କୁ କଳଙ୍କିତ କରିବ, ଏଥିରେ ଦ୍ୱିଧା ନାହିଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*

# 'ଓଁ' ହେଉଛି ସର୍ବବ୍ୟାପୀ ଅନନ୍ତ ଅକ୍ଷୟ ଆଲୋକ

ସକଳ ବସ୍ତୁର ଆଧାର, ସକଳ ବେଦର ମାତା, ସକଳ ଭାଷାର ଭିତି, ସକଳ ନାଦଯାତ ହେଉଛି ପବିତ୍ର ଏକାକ୍ଷରୀ ମନ୍ତ୍ର 'ଓଁ' । କହିବାକୁଗଲେ ଆମେ ସମସ୍ତେ ଏହି ଓଁ ଗୁଢ଼ତତ୍ତ୍ୱର କେବଳ ଅକ୍ଷର ଭିତରେ ନୁହେଁ ଆମେ ଓଁରେ ନିବାସ କରୁ, ଅବସ୍ଥାନ କରୁ ଏବଂ ଆମର ଅନ୍ତିମ ବିଶ୍ରାମ ହିଁ ସେହି ଓଁ । 'ଓଁ' ଆତ୍ମିକ ବଳ ଦିଏ । 'ଓଁ'ର ଉଚ୍ଚାରଣ ଦ୍ୱାରା ଜୀବନୀଶକ୍ତି (ପ୍ରାଣଶକ୍ତି) ଉର୍ଦ୍ଧ୍ୱଗାମୀ ହୁଏ । ଏହାର ସାତବାର ଉଚ୍ଚାରଣ ଦ୍ୱାରା ଶରୀରର ରୋଗ ଉତ୍ପନ୍ନକାରୀ କୀଟାଣୁ ଦୂର ହେବାକୁ ଲାଗନ୍ତି ବରଂ ଚିତରୁ ହତାଶା-ନିରାଶା ଭାବ ମଧ୍ୟ ଦୂର ହୁଏ । ଏହି କାରଣରୁ ହିଁ ଋଷି-ମୁନିଗଣ ସମସ୍ତ ମନ୍ତ୍ର ଆଗରେ 'ଓଁ' ଯୋଡ଼ିଛନ୍ତି । ଓଁ ହେଉଛି ନାଦ ବ୍ରହ୍ମ । ନାଦ ଯାହାର ଅର୍ଥ ହେଉଛି ଶବ୍ଦ । ଶବ୍ଦ ହେଉଛି ତରଙ୍ଗ ତେଣୁ ପ୍ରଥମ ଶବ୍ଦ ତରଙ୍ଗ ହେଉଛି ଓଁ । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି 'ବ୍ରହ୍ମ ଏକ ଏବଂ ଅଦିତ୍ୟ' । ସେହିପରି ଉଲ୍ଲେଖ ରହିଛି - 'ଏକୋଽହମ୍ ବହୁସ୍ୟାମ୍ ।' ଶାସ୍ତ୍ରରେ ମଧ୍ୟ 'ଓ'ର ବହୁତ ମହିମା ଗାନ କରାଯାଇଛି । ଭଗବାନ ଶଙ୍କରଙ୍କ ମନ୍ତ୍ର ହେଉଛି : ଓଁ ନମଃ ଶିବାୟ । ଭଗବାନ ଗଣପତିଙ୍କର ମନ୍ତ୍ର ହେଉଛି : ଓଁ ଗଣେଶାୟ ନମଃ । ଭଗବାନ ରାମଙ୍କର ମନ୍ତ୍ରୀ ହେଉଛି : ଓଁ ରାମାୟ ନମଃ । ଶ୍ରୀକୃଷ୍ଣଙ୍କର : ଓଁ ନମୋ ଭଗବତେ ବାସୁଦେବାୟ । ଗାୟତ୍ରୀ ମନ୍ତ୍ର ହେଉଛି : ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣଂ, ଭର୍ଗୋ ଦେବସ୍ୟ ଧୀମହି ଧିୟୋ, ୟୋ ନଃ ପ୍ରଚୋଦୟାତ୍ । ଏହିପରି ସବୁମନ୍ତ୍ର ଆଗରେ 'ଓଁ' ଯୋଡ଼ା ହୋଇଅଛି । ପତଞ୍ଜଳି ମହାରାଜ କହିଛନ୍ତି 'ତସ୍ୟ ବାଚକଃ ପ୍ରଣବଃ' । 'ଓ' (ପ୍ରଣବ) ପରମାତ୍ମାଙ୍କର ବାଚକ ଅଟେ । ତାହାର ସ୍ୱାଭାବିକ ଧ୍ୱନୀ ଅଛି ।

ବିଶ୍ୱ ବ୍ରହ୍ମାଣ୍ଡର ଅତୀତ ସକଳ ସୃଷ୍ଟିର ଭତି ହିଁ ଏହି ନାଦ ଓଁ । ସକଳ ନାଦର ଆଧାର ଓଁ । ଅ, ଉ ଏବଂ ମ ଏହି ତିନୋଟି ଅକ୍ଷରକୁ ନେଇ ଓଁ ଗଠିତ । ଏବଂ ଆମ ବ୍ୟବହାର କରୁଥିବା ଶବ୍ଦ ତରଙ୍ଗର ସମସ୍ତ ବର୍ଗ ଏହି ତିନୋଟି ଉଚ୍ଚାରର ଅନ୍ତର୍ଗତ । 'ଓଁ'ର ରହସ୍ୟ ଜାଣିବା ପାଇଁ

**ଡକ୍ଟର ସୁରେଶ କୁମାର ନାୟକ**

କିଛି ପରୀକ୍ଷା (ପ୍ରୟୋଗ) କରି ଏକଦା ଋଷୀୟ ବୈଜ୍ଞାନିକଗଣ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠିଲେ । ଏ ସମ୍ବନ୍ଧରେ ଗଣମାଧ୍ୟମରେ ଅନେକ ଅନୁସନ୍ଧାନ ମୂଳକ ଖବର ଆଲୋଡ଼ନ ସୃଷ୍ଟି କରିଥିଲା । ସେମାନେ ପ୍ରୟୋଗ କରି ଦେଖିଲେ ଯେ ଯେବେ ବ୍ୟକ୍ତି ବାହାରେ କିଛି କହେ ଏବଂ ଭିତରେ ଅନ୍ୟ କିଛି ବିଚାର କରେ ତେବେ ତାଙ୍କ ସୂକ୍ଷ୍ମ ମେସିନରେ ଦୁଇଟି ଯାକ ଶବ୍ଦ ଅଙ୍କିତ ହୋଇ ଯାଉଥିଲା । ଉଦାହରଣ ସ୍ୱରୂପ : ବାହାରେ 'କ' କୁହାଯାଉଛି ଏବଂ ଭିତରେ 'ଗ' ବିଚାର କାଯାଉଛି, ତେବେ ଉଭୟରେ 'କ' ଏବଂ 'ଗ'ର ଛାପ ପଡ଼ି ଯାଉଥିଲା । ଯଦି ବାହାରେ କିଛି ଶବ୍ଦ ନକହି କେବଳ ଭିତରେ ବିଚାର କରାଗଲା ସେ ଶବ୍ଦ ମଧ୍ୟ ଅଙ୍କିତ ହୋଇ ଯାଉଥିଲା । କିନ୍ତୁ ଏମିତି ଏକମାତ୍ର ଶବ୍ଦ 'ଓଁ' ଥିଲା ଯାହାର ବାହାରେ ଉଚ୍ଚାରଣ କରାଯାଇ ଭିତରେ ଯେ କୌଣସି ଶବ୍ଦ ବିଚାର କଲେ ମଧ୍ୟ ଦୁଇଠାରେ 'ଓଁ' ହିଁ ଅଙ୍କିତ ହେଉଥିଲା ଅଥବା କେବଳ ଭିତରେ 'ଓଁ' ବିଚାର କରି ବାହାରେ କିଛି ବି କୁହଥିଲେ ହେଁ ଭିତର ବାହାର ଉଭୟରେ 'ଓଁ' ହିଁ ଅଙ୍କିତ ହେଉଥିଲା ।

ଓଁ କହିଲେ ସବୁକିଛିକୁ ବୁଝାଏ । 'ଅ' ହେଉଛି ବ୍ରହ୍ମ, 'ମ' ମାୟା ଓ 'ଉ' ହେଉଛି ବ୍ରହ୍ମ ଓ ମାୟା ଉଭୟଙ୍କର କ୍ରିୟାର ସଂଯୋଜକ । ପ୍ରଣବ ବା ଓଁକାର ହେଉଛି ଶ୍ରେଷ୍ଠତମ ମନ୍ତ୍ର । ଏହି ମନ୍ତ୍ର ପ୍ରତ୍ୟକ୍ଷ ମୁକ୍ତି ପ୍ରଦାନ କରେ । ଓଁ ହେଉଛି ସକଳ ମନ୍ତ୍ରପ୍ରାଣ, ଅନ୍ତରାତ୍ମା, ସର୍ବୋପରି ସକଳ ସ୍ତବ ଓ ସ୍ତୋତ୍ରର ପ୍ରାରମ୍ଭ । ଆମ ହିନ୍ଦୁ ପୂଜାପଦ୍ଧତିରେ ଓଁକାରର ପବିତ୍ର ଉଚ୍ଚାରଣ ପରେ ସକଳ ଦେବଦେବୀ ଗୁରୁଦେବଙ୍କୁ ଅର୍ଘ୍ୟ, ନୈବେଦ୍ୟ ସମର୍ପଣ କରାଯାଏ । ଅଷ୍ଟୋତରୀ ପାଠ ହେଉ ବା ସହସ୍ର ନାମ, ସବୁଥିରେ ପ୍ରଣବ ହେଉଛି ପାଠର ଆରମ୍ଭର ଆଦ୍ୟ ଉଚ୍ଚାରଣ । ସମସ୍ତ ନାମ ମଧ୍ୟରେ 'ଓଁ'ର ସ୍ଥାନ ପ୍ରଥମରେ । ମୁସଲମାନ ଲୋକ ମଧ୍ୟ ଆଲ୍ଲା ହୋ...ଅକବର.. କହି ନମାଜ ପଢ଼ିଥାନ୍ତି, ଯାହା 'ଓଁ' ଧ୍ୱନୀର ଅଂଶ ବିଶେଷ । ଶିଖ ଧର୍ମରେ ମଧ୍ୟ ଏକୋ ଓଁକାର ସତିନାମୁ କହି ସେଥିରୁ ଆନନ୍ଦ ପ୍ରାପ୍ତ ହୋଇଥାନ୍ତି । ଶିଖ ଧର୍ମର ପ୍ରଥମ ଗ୍ରନ୍ଥ ହେଉଛି ଜପୁଜୀ ଆଉ ଜପୁଜୀର ପ୍ରଥମ ବଚନ ହେଲା : ଏକୋ ଓଁକାର ସତିନାମୁ ...... । ଆମେ ମାନେ ନିତିଦିନିଆ ଜୀବନରେ ପ୍ରତ୍ୟୁଷରୁ ବା ଯେ କୌଣସି ପବିତ୍ର କାର୍ଯ୍ୟର ପ୍ରାରମ୍ଭରୁ ଓଁକାର ଜପ କଲେ ଅପାର ଶକ୍ତି ପ୍ରାପ୍ତ କରିପାରିବା । ନିତ୍ୟ ଓଁକାର ଜପ କରୁଥିବା ପୁରୁଷଙ୍କ ନୟନ ଓ ମୁଖ ମଣ୍ଡଳରେ ଅପୂର୍ବ ଜ୍ୟୋତି ଉଦଭାସିତ ହୁଏ । ଓଁ ହେଉଛି ସର୍ବବ୍ୟାପୀ ଅନନ୍ତ ଅକ୍ଷୟ ଆଲୋକ । ଅନୁଭବ କରନ୍ତୁ ଯେ ଆପଣ ହେଉଛନ୍ତି ଶୁଦ୍ଧ, ସମର୍ପିତ, ନିତ୍ୟ ମୁକ୍ତ, ସର୍ବଜ୍ଞ ପରମ ଚୈତନ୍ୟ ବ୍ରହ୍ମ । ଆପଣ ହେଉଛନ୍ତି ଅବିନାଶୀ ସନାତନ ସତା । ଦେହ ଓ ମନ ସଦା ଗୁଢ଼, ସୂକ୍ଷ୍ମ ସର୍ବମୟ ଶୁଦ୍ଧ ଚୈତନ୍ୟରେ ପରିପୂର୍ଣ୍ଣ ହେଉ । ସେହି ସର୍ବବ୍ୟାପୀ ସର୍ବଶାଶ୍ୱତ 'ଓଁ'କୁ ପ୍ରଣାମ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୫୯୨*

# ଭଜ ନିତାଇଗୌର ନାମ


ଶ୍ରୀହରିଗୁରୁବୈଷ୍ଣବ ଆଶ୍ରିତ ଅତୀଶ

ଆମ ରାଜ୍ୟ ଓଡ଼ଶାରେ ପ୍ରାୟତଃ ବର୍ଷ ତମାମ ଘରେ କିମ୍ବା ମଠ ମନ୍ଦିରରେ ହରିନାମ କୀର୍ତନ ଅଷ୍ଟପ୍ରହରୀ, ଚତୁର୍ଥ ପ୍ରହରୀ ବା କୌଣସି ମଠ ମନ୍ଦିରରେ ଅଖଣ୍ଡ ନାମ ହେଉଛି । ପ୍ରାୟତଃ ମହାମନ୍ତ୍ର ସବୁଠାରେ ନାମ ସଂକୀର୍ତନ ହେଉଛି ସବୁ ଲୋକ ମହାମନ୍ତ୍ର ବିଷୟରେ ଅବଗତ ଆଉ କୋଉଠି (ଭଜ) ନିତାଇ ଗୌର ରାଧେଶ୍ୟାମ... ନାମ କୀର୍ତନ ହେଉଛି ଏହି ନାମ କେଉଁଠୁ ଆସିଲା ? ଯିଏ ନାହିଁ ସିଏ ନିଜେ ନାମ ତିଆରି କରିଦେବ ତାକୁ କୀର୍ତନ କରାଯିବ କି ? ଛୋଟ ବେଳେ ଥରେ ମୋର ମନେ ଅଛି ଆମ ଗାଁରେ ଜଣେ ଲୋକ କହିଲେ ଭଜ ନିତାଇ ଗୌର..... ନାମ କଣ କଳିର ତାରକ ମନ୍ତ୍ର ଯେ ଏହା ଅଷ୍ଟପ୍ରହରୀରେ କୀର୍ତନ ହେବ ମୁଁ ଛୋଟ ଥିବାରୁ ତାହାର ଉତର ଜାଣି ନଥିଲି । ତେବେ ଏହି ନିତାଇ ଗୌର ନାମ କିପରି ସୃଷ୍ଟି ହେଲା ଓ ତାହାର ଅର୍ଥ କ'ଣ ଜାଣିବା ଏହି ପ୍ରସଙ୍ଗରେ । ଦିନେ ସନ୍ଧ୍ୟା ସମୟରେ ସଦଗୁରୁଦେବ ନାମଚାୟ ଶ୍ରୀ ଶ୍ରୀ ବାୟା ବାବା ବସିଛନ୍ତି ଜଣେ ଭଦ୍ରଲୋକ ପ୍ରଶ୍ନ କଲେ ବାବା ଆପଣ କହନ୍ତି ଭଗବାନଙ୍କର ଯେ କୌଣସି ନାମ କଲେ ହେବ ତାହାହେଲେ କାହିଁକି ଆପଣଙ୍କ ପାଖରେ ସବୁବେଳେ (ଭଜ) ନିତାଇ ଗୌର ରାଧେ ଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ଏହି ନାମ ହେଉଛି ? ଯାହାର ଯେଉଁ ନାମ ଇଛା ସେହି ନାମ କଲେ ଚଳନ୍ତା ନାହିଁ ସବୁବେଳେ କାହିଁ ସେହି ଗୋଟିଏ ନାମ ହେବ ? ତା ଛଡ଼ା ଅନ୍ୟ ନାମ ଆଉ ଥାଉ ଏହି ଗୋଟିଏ ନାମ ପ୍ରଚାର କରିବାର କଣ ଆବଶ୍ୟକତା ଅଛି ଏହା ଶୁଣି ଶ୍ରୀ ବାବା ଉତର ଦେଲେ ଆପଣ ବୋଧେ ଅନ୍ୟମନସ୍କ ଥିଲେ ବାୟା କହିଲେ ଯାହାକୁ ଯେଉଁ ନାମ ଇଛା ହେଉଛି ସେ କରୁ ଆମକୁ ଏହି ନାମ ଭଲ ଲାଗୁଛି ତେଣୁ ଆମେ ତାହା କରୁଛୁ ତେଣୁ ଅଡୁଆ କୋଉଠି ରହିଲା । ଏହି ନାମ ଛାଡ଼ ଆମେ ଅନ୍ୟ କିଛି ଜାଣୁନ କଳ୍ପତରୁ ଶ୍ରୀଗୁରୁଦେବ ଏହି ନାମ ଶୁଣାଇ ଦେଇଛନ୍ତି ତେଣୁ ଘୋସି ହେଉଛୁ । ସାଧନା ଭଜନ କ'ଣ ଆମେ ଜାଣିଛୁ ? ସେ ଯାହା କହିଯାଇଛନ୍ତି ଆମେ ତାହା କରୁଛୁ । ତାଙ୍କ ଆନୁଗତ୍ୟର ତାଙ୍କ ଆଦେଶ ପାଳିବା ଆମ କର୍ତବ୍ୟ । ଆମେ ହେଲୁ ଘଣା ବଳଦ ତେଲି ଆମକୁ ଏଥିରେ ଯୋଚି ଯାଇଛି । ଆମେ କି ଜାଣିଛୁ ଭଲ ମନ୍ଦ ଲାଭ କ୍ଷତି ? ଏ ଘଣା ନୂଆ କି ପୁରୁଣା ଏଥିରେ ତେଲ ବାହାରିବ କି ନାହିଁ ଆମେ ଜାଣିନୁ ତାହା ମଧ୍ୟ ଜାଣିବା ଦରକାର ନାହିଁ ସେ କାନ୍ଧରେ ଜୁଆଳି ଲଦି ଦେଇ ଯାଇଛନ୍ତି, ଆମେ ବୁଲୁଛୁ ଭଲ ମନ୍ଦ ସେ ତେଲି ଜାଣେ । ଭଗବାନଙ୍କ ଅନନ୍ତ ନାମ କେଉଁ ନାମ ଆମେ କରିବା ସେଥିପାଇଁ ନିଜେ କିଛି ବିଚାର ନକରି ଶ୍ରୀଗୁରୁଦେବଙ୍କ ଅଦିଷ୍ଟରେ ନାମ କରିବା ନିରାପଦ ଯେତେବେଳେ ଯାହା ଇଛା ହେଲା ସେ ନାମ କରିବା ଦ୍ୱାରା ସାଧନା ପୂର୍ଣ୍ଣ ହୁଏ ନାହିଁ । ତେଣୁ ଗୁରୁ ପରମ୍ପରା ଅନୁସାରେ ସାଧନା କରିବାକୁ ହୁଏ । ସେଥିପାଇଁ ବାୟା କହୁଛି ଶ୍ରୀ କଳ୍ପତରୁ ଗୁରୁଦେବ ଯେଉଁ ନାମ କରିବାକୁ କହିଛନ୍ତି ତାହା ଆମେ କରୁଛୁ । ଏହି ନାମ କିପରି ସୃଷ୍ଟି ହେଲା ଜାଣିଛନ୍ତି ଶ୍ରୀ ଶ୍ରୀ ବଡ଼ବାବାଜୀ ରାଧା ରମଣ ଦେବ ମହାରାଜ ଜଣେ ଶକ୍ତିଧର ମହାପୁରୁଷ ଥରେ ନଦିଆ ଜିଲ୍ଲାର କୃଷ୍ଣ ନଗର ଠାରେ ଜଣେ ଭକ୍ତଙ୍କ ଗୃହରେ କୀର୍ତନ କରୁଥାନ୍ତି । କୀର୍ତନରେ ମହାଭାବରେ ମତୁଆଲା ହୋଇ ସେଠାରେ ଥିବା କାନ୍ଥକୁ ଆଉଜି ହୋଇ ଠିଆ ହୋଇଥାନ୍ତି ହଠାତ୍ ତାଙ୍କ ମୁଖରୁ ସେହି ମହାଭବ ଅବସ୍ଥାରେ (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ ପ୍ରକଟ ହେଲା ସେ ଯେଉଁଠାରେ ଠିଆ ହୋଇଥିଲେ ସେ ପଥର ଚଟାଣରେ ତାଙ୍କ ପାଦ ଚିହ୍ନ ରହିଗଲା । ଭଗବାନ ଯେପରି ସ୍ୱପ୍ରକାଶ ନିଜେ ଇଛା କଲେ ଯେଉଁଠାରେ ଯେମିତି ସ୍ୱ ପ୍ରକାଶ କରନ୍ତି ସେହିପରି ତାଙ୍କ ନାମ ମଧ ସେହିପରି ସ୍ୱତ୍ୱ ପ୍ରକାଶିତ ହୋଇଥାନ୍ତି । ଶୁଦ୍ଧ ଆଧାର ଦେଖିଲେ ନାମ ବା ମନ୍ତ୍ର ସେଠାରେ ପ୍ରକାଶିତ ହୁଅନ୍ତି । ଯୁଗ ଅନୁସାର ଭଗବାନ ଯେପରି ଭିନ୍ନ ଭିନ୍ନ ଅବତାର ନିଅନ୍ତି ସେହିପରି ନିତ୍ୟସିଦ୍ଧ ନାମ ମଧ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ ହୁଅନ୍ତି । ଏଥିରେ ନୂଆ ପୁରୁଣା କିଛି ନାହିଁ ନିତାଇ ଗୌର କଣ ନୂଆ ନା ହରେ କୃଷ୍ଣ ନାମ ନୂଆ ? ଏଥିରେ କୌଣସି ନାମ ନୂଆ ନୁହେଁ । କେବଳ ସାଧନକ୍ରମରେ ଏହି ନାମମାଳା ଗୁନ୍ଥା ହୋଇଛି । ଦେଖିଥିବେ ଠାକୁରଙ୍କ ପାଖରେ ଯେଉଁ ମାଳା ଲାଗିହୁଏ, ତାହା ବିଚାର ହୁଅ ଫୁଲ ଉପରେ ମାଳା ଉପରେ ନିଁହେ । ମଲ୍ଲୀ, ମାଳତୀ, ଯାଇ, ଜୁଇ, କଦମ୍ବ, ବଉଳ ଏହି ଫୁଲର ସବୁ ଠାକୁରଙ୍କୁ ଲାଗି ହୁଅ ଏହାର ମାଳା ମଧ ମାଳୀ ମାଳା ଗୁନ୍ଥିଲା ବେଳେ କିପରି ସୁନ୍ଦର ଦେଖାଯିବ ମାଳୀ ବିଚାର କରି କାହାକୁ ଆଗରେ ପଛରେ ଫୁଲ ମାନଙ୍କୁ ଗୁନ୍ଥିଛି ତେଣୁ ସେଥିରେ କାହିଁକି ନୂଆ ପୁରୁଣା ବିଚାର ହେବ ? ତେଣୁ ଏହି ନିତାଇ ଗୌର ନାମ ନୂଆ ନୁହେଁ ।

ସାଧ୍ୟ ସାଧନା ଭେଦରେ ତାହା ଗୁନ୍ଥା ଯାଇଛି ମାତ୍ର । ଭଜ ଓ ଜପ ଦ୍ୱାରା ସାଧ୍ୟ ସାଧନ ନିର୍ଣ୍ଣୟ କରାଯାଇଛି । ଯାହା ଲାଭ କରିବାକୁ ସାଧନ କରାଯାଏ ତାହା ସାଧ୍ୟ ଯାହା କରାଯାଏ ତାହା ସାଧନା । ଏହି ଯେଉଁ ନାମ ମାଳା ଦେଖୁଛନ୍ତି ସେଥିରେ କ୍ରମାନ୍ୱୟରେ ସାଧ୍ୟ ସାଧନା କଥା କୁହାଯାଇଛି । ସାଧ୍ୟ ହେଲା ଭଜ ନିତାଇ ଗୌର ରାଧେଶ୍ୟାମ । ସାଧନ ହେଲା ଜପ ହରେ କୃଷ୍ଣ ହରେ ରାମ । ଆଗ ନିତାଇଙ୍କୁ ଡାକ କାରଣ କଳିପୀଡ଼ିତ ଜୀବ ମାନଙ୍କୁ ଦେଖି ତାଙ୍କ ପରାଣ କାନ୍ଦୁଛି କିପରି ଉଦ୍ଧାର ହେବ ଓ ସେ କୃପା କଲେ ଗୌର ମିଳିବେ । ନିତାଇ ଦୟା କିପରି ହେବ ? ହରେକୃଷ୍ଣ ହରେ ରାମ ଜପ କଲେ । ଯଦି ମନରେ ଆସେ ଏହି ଗୌର କିଏ ତେବେ ଉତର ହେଉଛି ରାଧେଶ୍ୟାମ ଅର୍ଥାତ୍ ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ହେଉଛନ୍ତି ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଏହାଠାରୁ ବଳି ବଡ଼ ସାଧନ କରିବା ନିରାପଦ ଉପାୟ କ'ଣ ? ଏହି ପ୍ରଶ୍ନ ଉତର ହେଲା ନିରପରାଧରେ ହରେ କୃଷ୍ଣ ହରେ ରାମ ଜପ କରିବା । ରସଗୋଲା ସମ୍ବନ୍ଧରେ ଖାଲି ପଚାରିଲେ ହେବନି ଖାଇବାକୁ ହୁଏ । ଗୁରୁଦେବଙ୍କ ଅନୁଗତ୍ୟର ଯେତେ ପାରୁଛ ନାମ କରିଯାନ୍ତି ସବୁ ପାଇବେ । ତେଣୁ ଏହି ଦିବ୍ୟ ନାମ ନାମ ସଂକୀର୍ତନ କରିବା ବିଧି । ଏହ ନାମର ପ୍ରମାଣ ସ୍ୱରୂପ ସେହି ପାଦପଦ୍ମ ପଥର ଏବେ କଟକ ସ୍ଥିତ ପୁରୀଘାଟ ଥାନା ପାଖରେ ଥିବା ଶ୍ରୀ ରାସବିହାରୀ ମଠରେ ଏକ ମନ୍ଦିର ମଧ୍ୟରେ ପୂଜା ପାଉଛି ସର୍ବସାଧାରଣଙ୍କ ଦର୍ଶନ କରିପାରିବେ ଯାହାକି ନିତାଇ ଗୌର ନାମ କିପରି ସ୍ୱପ୍ରକଟ ଓ ଚିନ୍ମୟ ତାହା ଅନୁଭବ ହୁଅ ତାକୁ ଦେଖି । ନିତାଇ ଗୌର ହରିବୋଲ ।

*ଦୂରଭାଷ : ୬୩୭୧୫୮୦୫୨୪*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Friday July 18 ଭୁବନେଶ୍ୱର ଶୁକ୍ରବାର, ୧୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବ୍ରୁକଙ୍କୁ ପଛରେ ପକାଇ ରୁଟ ହେଲେ ବିଶ୍ୱର ୧ନଂ ଟେଷ୍ଟ ବ୍ୟାଟର୍

ଭୁବନେଶ୍ୱର,(ପି.ଏନ): ପୁଣିଥରେ ବିଶ୍ୱର ୧ନଂ ଟେଷ୍ଟ ବ୍ୟାଟର ବନି ଯାଇଛନ୍ତି ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ। ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନକୁ ପୁଣି ଫେରିଛନ୍ତି ଏହି ଇଂଲିଶ ଭେଟରାନ। କିଛି ସପ୍ତାହ ତଳେ ଇଂଲଣ୍ଡର ଯୁବ ବ୍ୟାଟର ହ୍ୟାରୀ ବ୍ରୁକ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରୁ ରୁଟଙ୍କୁ ହଟାଇ ଦେଇଥିଲେ। ହେଲେ ତାଙ୍କୁ ୨ଟି ସ୍ଥାନ ତଳକୁ ଠେଲି ରୁଟ ୧ନଂ ସ୍ଥାନ ପୁଣି ଦଖଲ କରିନେଇଛନ୍ତି। ନ୍ୟୁଜିଲ୍ୟାଣ୍ଡର କେନ ୱିଲିୟମସନ ୨ନଂରେ ଅଛନ୍ତି।ଭାରତ ବିପକ୍ଷ ଲର୍ଡସ ଟେଷ୍ଟର ପ୍ରଥମ ଇନିଂସରେ ରୁଟ ୧୦୪ ରନର ଇନିଂସ ଖେଳିଥିଲେ। ଦ୍ୱିତୀୟ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୪୦



ରନ ତାଙ୍କ ବ୍ୟାଟରୁ ବାହାରିଥିଲା। ଏହି ଇନିଂସରେ ରୁଟ ୮୮୮ ପଏଣ୍ଟ ସହ ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ୮୬୨ ପଏଣ୍ଟ ପାଇଥିବା ବ୍ରୁକଙ୍କୁ ତୃତୀୟ ସ୍ଥାନକୁ ଠେଲି ଦେଇଛନ୍ତି।

# ବିରାଟକାୟ ମହଲରେ ଭୟଙ୍କର ନିଆଁ, ଚାଲିଗଲା ଛୋଟ ପିଲାଙ୍କ ସମେତ ୫୦ ଜଣଙ୍କ ଜୀବନ

ଭୁବନେଶ୍ୱର,(ପି.ଏନ): ଇଷ୍ଟର୍ଣ୍ଣ ଇରାକର ଅଲ-କୁଟ ସହରରେ ଥିବା ୫ ମହଲା ବିଶିଷ୍ଟ ଗୋଟିଏ ବିରାଟକାୟ ମଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ ଛୋଟ ପିଲାଙ୍କ ସମେତ ପ୍ରାୟ ୫୦ ଜଣଙ୍କ ଜୀବନ ଯାଇଛି। କିଛି ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଆଉ କିଛି ଲୋକ ଅଣନିଃଶ୍ୱାସୀ ହୋଇ ଆଖି ବୁଜିଛନ୍ତି। ସେହିପରି ଶତାଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ସ୍ଥାନୀୟ ହସ୍ପିଟାଲରେ ଚାଲିଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ୫ ମହଲା ବିଶିଷ୍ଟ ମଲଟି ହୁତହୁତ ହୋଇ ଜଳୁଥିବା ବେଳେ ଏହା ମଧ୍ୟରେ ଥିବା ଲୋକମାନେ ଜୀବନ ବଞ୍ଚାଇବାକୁ ଚିତ୍କାର କରୁଛନ୍ତି। ସେହିପରି ୧୦ରୁ



ଅଧିକ ଅଗ୍ନିଶମ ଗାଡି ନିଆଁକୁ ଆୟତ୍ତ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଅଗ୍ନିକାଣ୍ଡ ଯୋଗୁ ମଲଟି ପ୍ରାୟତଃ ପୋଡି ଯାଇଥିଲେ ହେଁ କେମିତି ଏଠାରେ ନିଆଁ ଲାଗିଲା ସେକଥା ଜଣାପଡିନି।

# କେନ୍ଦ୍ରାପଡାରେ ଓଡିଶା ବନ୍ଦ ସଫଳ



କେନ୍ଦ୍ରାପଡ଼ା,(ପି.ଏନ) :ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ଓଡିଶା ହାଇକୋର୍ଟର ବିଚାରପତିଙ୍କ ତତ୍ୱାବଧାନରେ ନ୍ୟାୟିକ ତଦନ୍ତ, ପ୍ରକୃତ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା, ତଦନ୍ତରେ ସ୍ୱଚ୍ଛତା ପାଇଁ ଓ ନୈତିକତା ଦୃଷ୍ଟିରୁ ଉଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପ ଷଡଙ୍ଗୀ ଓ ସ୍ଥାନୀୟ ବିଧାୟକ ନିଜ ନିଜ ପଦରୁ ଇସ୍ତଫା ଦେବା ଦାବିରେ ଆଜି ଆହୁତ ଓଡିଶାବନ୍ଦ କେନ୍ଦ୍ରାପଡା ଜିଲ୍ଲା ଓ ସହରରେ ସମ୍ପୂର୍ଣ ସଫଳ ହୋଇଛି। କଂଗ୍ରେସ, ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍ଏଲ) ସମେତ ଆଠଟି ବିରୋଧୀ ଦଳଙ୍କ ଡ଼ାକରାରେ ସମସ୍ତ ଗଣସଙ୍ଗଠନ ଓ ସମଗ୍ର ଜିଲ୍ଲାବାସୀ ସାମିଲ ହୋଇ ବନ୍ଦକୁ ସଫଳ କରିଛନ୍ତି। ଜିଲ୍ଲାର ସମସ୍ତ ନଅଟି ବ୍ଲକ ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥା ସହିତ କେନ୍ଦ୍ରାପଡା ସହର ସମ୍ପୂର୍ଣ ଅଚଳ ହୋଇଯାଇଥିଲା। କଟକ ଚାନ୍ଦବାଲି ରାସ୍ତାର ତିନିମୁହାଣୀ ଠାରେ ରାସ୍ତାକୁ ସତ୍ୟାଗ୍ରହୀମାନେ ବନ୍ଦ ରଖିବା ଫଳରେ ସକାଳ ଛଅଟାରୁ ସମ୍ପୂର୍ଣ ଅଚଳ ହେଇପଡିଥିଲା। ଜିଲ୍ଲାପାଳ ଅଫିସ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅଫିସ, କୋର୍ଟ,ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ, ବୀମା କାର୍ଯ୍ୟାଳୟ, ସମସ୍ତ ସ୍କୁଲ କଲେଜ ଓ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା। ଫଳରେ ସମ୍ପୂର୍ଣ ସହର ନିଶବ୍ଦ ହୋଇ ଯାଇଥିଲା। କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଜିର ବନ୍ଦରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ଡ. ସିପ୍ରା ମଲ୍ଲିକ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ରାଜ୍ୟ ନେତା ହଳଧର ସେଠୀ, ସିପିଆଇ(ଏମ୍ଏଲ) ରାଜ୍ୟକମିଟି ସଭ୍ୟ ସଞ୍ଜୀବ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଶ୍ରମିକ ନେତା ଜଗତଜୀବନ ଦାଶ, ପ୍ରଦୀପ କୁମାର ମହାନ୍ତି, ସୟଦ ଅବଦୁଲ ସ ାର, ବିଧୁଭୂଷଣ ମହାପାତ୍ର,ଫକୀର ଚରଣ ଖଟୁଆ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ଆଶିଷ ଲେଙ୍କା, ଦିଲ୍ଲୀପ ପ୍ରଧାନ, କମ୍ୟୁନିଷ୍ଟ ନେତା ଆଦିକନ୍ଦ ରାଉଳ, ମାଧବ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତା ଅଜୟ ସାମଲ, ବୈଷ୍ଣବ ସ୍ୱାଇଁ, ସଂଯୁକ୍ତା ରାଉତ, ଅମରେନ୍ଦ୍ର ଦାସ, ଶେଖ ଅତିକ, ବିଜନ ବିଶ୍ୱାଳ, ସେକ ମେହବୁବ, ଭଗବାନ ଓଝା, କ୍ଷୀରୋଦ ରାଉତ ପ୍ରମୁଖ ବନ୍ଦରେ ନେତୃତ୍ୱ ନେଇଥିଲେ।

# ଜଙ୍ଗଲରୁ ୨ ନିଖୋଜ ନାବାଳକ ଭାଇଙ୍କ ତଣ୍ଟି କଟା ମୃତଦେହ ମିଳିବା ପରେ ହଇଚଇ

ଭୁବନେଶ୍ୱର,(ପି.ଏନ): ଅପହରଣ ପରେ ଦୁଇ ନାବାଳକ ଭାଇଙ୍କୁ ଗଳା କାଟି ହତ୍ୟା କରାଯାଇଛି। ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କ ବୟସ ୯ ଓ ଆଉ ଜଣଙ୍କ ବୟସ ୬। ଜଙ୍ଗଲ ଭିତରୁ ଦୁଇ ଭାଇଙ୍କ ଗଳା କଟା ମୃତଦେହ ମିଳିବା ପରେ ମଧ୍ୟପ୍ରଦେଶର ସେଓନି ଜିଲ୍ଲାରେ ହଇଚଇ ସୃଷ୍ଟି ହୋଇଛି। ଦୁଇ ଭାଇଙ୍କ ଗଳାକୁ ସମାନ ଶୈଳୀରେ କଟା ଯାଇଥିବା ବେଳେ



ସେମାନଙ୍କ ମୃତଦେହ ଘର ଠାରୁ ୧୩ କିମି ଦୂର ଜଙ୍ଗଲରୁ ବୁଧବାର ଦିନ ମିଳିଥିଲା। ପୁଲିସ୍ ମୃତଦେହକୁ ଅମ୍ବା ମାଇ ଜଙ୍ଗଲରୁ ଜବତ କରିଥିବା ବେଳେ ଏହାକୁ ପଥର ଦ୍ୱାରା ଘୋଡାଇ ରଖାଯାଇଥିଲା। ସମ୍ଭବତଃ ଅପରାଧକୁ ଲୁଚାଇବା ପାଇଁ ପ୍ରୟାସ କରାଯାଇଥିବା ଏଥିରୁ ଅନୁମାନ କରାଯାଉଛି।

# ରୟାଲ ଷ୍ଟାଗ୍ ବୁମବକ୍ସର ନୂଆ ମ୍ୟୁଜିକ ଭିଡିଓ 'ସାଏ'

କଟକ,(ପି.ଏନ): ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହ ସହଭାଗିତାରେ ରୟାଲ ଷ୍ଟାଗ ବୁମବକ୍ସର ଫ୍ଲାଗସିପ ମ୍ୟୁଜିକ ଆଇପି, ରୟାଲ ଷ୍ଟାଗ ବୁମବକ୍ସ ଓରିଜିନାଲ୍ସ ଅଧିନରେ ଏକ ନୂଆ ଶୃଙ୍ଖଳା ସହ ଫେରିଛି। ରୟାଲ ଷ୍ଟାଗ ବୁମବକ୍ସ ପକ୍ଷରୁ ଚଳିତ ସିଜନର ଏହାର ପ୍ରଥମ ମ୍ୟୁଜିକ ଭିଡିଓ 'ସାଏ'ର ଉନ୍ମୋଚନ କରାଯାଇଛି ଯେଉଁଥିରେ ନିକିତା ଗାନ୍ଧୀ ଓ ଡିନୋ ଜେମ୍ସଙ୍କ ଏକ ଶକ୍ତିଶାଳୀ ଯୋଡି ଦେଖିବାକୁ ମିଳିବ। ଗତ ୩ ବର୍ଷରେ ଦେଶର ଅନେକ ୟୁଥ୍ ହବରେ ଦର୍ଶକଙ୍କ ମନ ଜିତିବା ପରେ ରୟାଲ ଷ୍ଟାଗ ବୁମବକ୍ସ ଏବେ ନିଜର ୨ୟ ସିଜନ ବୁମବକ୍ସ ଓରିଜିନାଲ୍ସ ସହ ପୁଣିଥରେ ଫେରିଛି। ୨ୟ ସିଜନରେ ଏଭଳି ସାଉଣ୍ଡଟ୍ରାକ ରହିଛି ଯାହା ବ୍ରାଣ୍ଡର 'ଲିଭିଂ ଇଟ ଲାର୍ଜ'ର ଉତ୍ସାହକୁ ପାଳନ କରୁଛି। ଏହି ନୂଆ ମ୍ୟୁଜିକ ଭିଡିଓ ଏବେ ୟୁଟ୍ୟୁବ, ସୋସିଆଲ ମିଡିଆ ଓ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟଫର୍ମଗୁଡିକରେ ଲାଇଭ ରହିଛି। ଏହି ସହଭାଗିତା ସମ୍ପର୍କରେ ଗାୟିକା ନିକିତା ଗାନ୍ଧୀ କହିଛନ୍ତି, 'ଡିନୋଙ୍କ ସହ ସାଏରେ କାର୍ଯ୍ୟ କରିବା ଏକ ଉତ୍ସାହଜନକ ଅନୁଭୂତି ଥିଲା। ମୋତେ ରୟାଲ ଷ୍ଟାଗ ବୁମବକ୍ସ ଏଥିପାଇଁ ପସନ୍ଦ କାରଣ ଏହା କଳାକାରୀଙ୍କୁ ବିନା କୌଣସି ଫିଲ୍ଟରରେ କେବଳ ଶୁଦ୍ଧ ସଙ୍ଗୀତ ଓ କାହାଣୀ ସହ ନିଜକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ଦେଇଥାଏ।' ସେହିପରି ଏହି ମ୍ୟୁଜିକ ଭିଡିଓ ସମ୍ପର୍କରେ ଡିନୋ ଜେମ୍ସ କହିଛନ୍ତି, 'ନିକିତାଙ୍କ ସହ କାର୍ଯ୍ୟ କରିବା ସମଗ୍ର ସଙ୍ଗୀତ ରଚନାକୁ ଉନ୍ନତ କରିଥିଲା, ଯାହା ଗୀତର ଉତ୍ସାହ ସହ ଉପଯୁକ୍ତ ଭାବେ ମେଳ ଖାଉଥିବା ଏକ ସତେଜ ଦିଗ ଆଣିଥିଲା। ଏହା ହିଁ ରୟାଲ ଷ୍ଟାଗ ବୁମବକ୍ସ ଓରିଜିନାଲ୍ସକୁ କଳାକାରଙ୍କ ପାଇଁ ଏକ ଆକର୍ଷଣୀୟ ପ୍ଲାଟଫର୍ମରେ ପରିଣତ କରୁଛି। ଏହା ଆମକୁ ସୃଜନଶୀଳତାକୁ ଆଗକୁ ବଢାଇବା ଓ ନୂଆ କ୍ଷେତ୍ରଗୁଡିକୁ ଅନ୍ୱେଷଣ କରିବାକୁ ପ୍ରୋତ୍ସାହିତ କରୁଛି।' ପର୍ନଡ ରିକାର୍ଡ ଇଣ୍ଡିଆର ଗ୍ଲୋବାଲ ବିଜ୍ନେସ୍ ଡେଭ୍ଲପମେଂଟର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଓ ମୁଖ୍ୟ କାର୍ତିକ ମହିନ୍ଦ୍ରା କହିଛନ୍ତି, 'ରୟାଲ ଷ୍ଟାଗ ବୁମ୍ବକ୍ସ ଓରିଜିନାଲ୍ସ ସହିତ ଆମେ ଉତ୍ସାହଜନକ ନୂଆ ସଙ୍ଗୀତ କ୍ଷେତ୍ର ସହ ଏହି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ପ୍ରସ୍ତୁତ ରହିଛୁ, ଯାହା ବଲିଉଡର ମେଲୋଡି ସହ ହିପ୍‌ହପର ରୋମାଂଚକର ବିଟକୁ ମିଶ୍ରଣ କରୁଛି।' ଅନ୍ୟପକ୍ଷରେ ଏହି ସହଭାଗିତା ସମ୍ପର୍କରେ ୟୁଏମଜି ଫର୍ ବ୍ରାଣ୍ଡ୍ସର ଇଣ୍ଡିଆ ଆଣ୍ଡ ସାଉଥ ଏସିଆ ବିଭାଗର ଏସଭିପି ଓ ବ୍ୟବସାୟ ମୁଖ୍ୟ ପ୍ରୀତି ନାୟର କହିଛନ୍ତି, 'ୟୁଏମଜି ଫର୍ ବ୍ରାଣ୍ଡ୍ସରେ ଆମେ ଏଭଳି ଏକ ପ୍ଲାଟଫର୍ମକୁ ସପୋର୍ଟ କରି ଗର୍ବିତ ଯାହା କଳାକାରଙ୍କୁ ପରୀକ୍ଷଣ କରିବା, ବିଭିନ୍ନ ଜେନରକୁ ମିଶ୍ରଣ କରିବା ଓ ଯୁବପିଢିଙ୍କୁ ଆକର୍ଷିତ କରୁଥିବା ସଙ୍ଗୀତ ସୃଷ୍ଟି କରିବା ପାଇଁ ସୁଯୋଗ ଦେଇଥାଏ। ରୟାଲ ଷ୍ଟାଗ ବୁମ୍ବକ୍ସ ଓରିଜିନାଲ୍ସ ବିଭିନ୍ନ ସଙ୍ଗୀତ ଦୁନିଆର ଅତୁଳନୀୟ ସ୍ୱରଗୁଡିକୁ ଏକତ୍ରିତ କରିବା ଓ ତାହାକୁ ଅବିସ୍ମରଣୀୟ ସହଯୋଗିତାରେ ପରିଣତ କରିବା ଜାରି ରଖିଛି। ଏହା ଭାରତର ବିକଶିତ ସଙ୍ଗୀତର ଏକ ବାସ୍ତବ ପ୍ରତିଫଳନ ଅଟେ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray